ପାଠ - ୪

# ଆଗ ପଛ ଜାଣିବା



ଦିନେ ଜଙ୍ଗଲରେ ପଶୁପକ୍ଷୀମାନେ ସଭା କଲେ । ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ମଣିଷମାନେ ଦିନକୁ ଦିନ ଜଙ୍ଗଲ କାଟି ସଫା କରି ଦେଉଛନ୍ତି । ଜଙ୍ଗଲ ସଫା ହୋଇଗଲେ ଆମେ ରହିବା କେଉଁଠି, ଖାଇବା କ'ଣ ?



କୋକିଶିଆଳି ଉଠି କହିଲା, '' ଆମେ ଗଛ ଲଗାଇବା ଓ ଜଙ୍ଗଲ ରକ୍ଷା କରିବା ।'' ସମସ୍ତେ ଠିକ କଲେ ନର୍ସରୀରୁ ଚାରା ଆଣିବେ । ବଗୁଲୀନାନୀ ନର୍ସରୀରେ ଚାରାଗଛ ବାଣ୍ଟୁଥାଏ । ସମସ୍ତେ ଆଗ ଚାରା ନେବା ପାଇଁ ଜିଦ୍ କରୁଥା'ନ୍ତି । ଏତେ ପଶୁପକ୍ଷୀଙ୍କୁ ଚାରା କିପରି ବାଣ୍ଟିବ ? ବଗୁଲୀନାନୀ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସଂଖ୍ୟାକାର୍ଡ଼ ଦେଲା । ସେହି ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଧାଡ଼ିବାନ୍ଧି ଆସିବାକୁ କହିଲା ।

(କ) ସମସ୍ତଙ୍କ ଆଗରେ ଯିଏ ଅଛି ତା'ର ସଂଖ୍ୟା କେତେ ?

(ଖ) ତା' ପରକୁ କେଉଁ ସଂଖ୍ୟା ଅଛି ?

(ଗ) ୧୧୦ର ପରବର୍ତ୍ତୀ ସଂଖ୍ୟା କେତେ ?

(ଘ) ୧୧୪ର ପୂର୍ବବର୍ତ୍ତୀ ସଂଖ୍ୟା କେତେ ?

(ଙ) ୧୧୦ ଓ ୧୧୪ ମଝିରେ କେଉଁ କେଉଁ ସଂଖ୍ୟା ଅଛି ?

**ଶିକ୍ଷକଙ୍କ ପାଇଁ ସୂଚନା :**

ଶିକ୍ଷକ ତିନିଅଙ୍କ ବିଶିଷ୍ଟ ସଂଖ୍ୟା ପାଇଁ ସଂଖ୍ୟାକାର୍ଡ଼ ପ୍ରସ୍ତୁତ କରିବେ ।
ସେଗୁଡ଼ିକୁ ବ୍ୟବହାର କରି ପୂର୍ବବର୍ତ୍ତୀ, ମଧ୍ୟବର୍ତ୍ତୀ ଓ ପରବର୍ତ୍ତୀ ସଂଖ୍ୟା ସଂପର୍କରେ ଧାରଣା ଦେବେ ।

# ଅଭ୍ୟାସ

୧. ମଝି କୋଠରିରେ ଥିବା ଏହି ସଂଖ୍ୟାଗୁଡ଼ିକର ପୂର୍ବବର୍ତ୍ତୀ ସଂଖ୍ୟା ଓ ପରବର୍ତ୍ତୀ ସଂଖ୍ୟା ଲେଖ ।

| ପୂର୍ବବର୍ତ୍ତୀ ସଂଖ୍ୟା | ସଂଖ୍ୟା | ପରବର୍ତ୍ତୀ ସଂଖ୍ୟା |
|---|---|---|
| ୧୧୦ | ୧୧୧ | ୧୧୨ |
| ୧୦୦ | ୧୦୧ | |
| | ୨୩୯ | |
| | ୩୩୦ | |
| | ୪୦୦ | |
| | ୫୯୯ | |
| | ୬୬୯ | |

୨. ଖାଲି ଥିବା ସ୍ଥାନ ପୂରଣ କର ।

(କ) ୧୦୧, ୧୦୨, ______, ______, ______ ।

(ଖ) ୨୦୯, ______, ୨୧୧ ______, ______ ।

(ଗ) ______, ୩୪୦ ______, ______, ୩୪୩

(ଘ) ______, ______, ______, ______, ୫୦୫

୩. ତଳଲିଖିତ ସଂଖ୍ୟା ଦୁଇଟିର ମଧ୍ୟବର୍ତ୍ତୀ ସଂଖ୍ୟାଗୁଡ଼ିକୁ ଲେଖ ।

(କ) ୬୦୮, ______, ______, ______, ୬୧୨

(ଖ) ୮୮୮, ______, ______, ______, ୮୯୨

(ଗ) ୨୯୭, ______, ______, ______, ୩୦୧

(ଘ) ୧୦୧, ______, ______, ______, ୧୦୫

୪. ତଳଲିଖିତ ସଂଖ୍ୟାଗୁଡ଼ିକୁ ଊର୍ଦ୍ଧ୍ୱକ୍ରମ (ସାନରୁ ବଡ଼) ଓ ଅଧଃକ୍ରମ (ବଡ଼ରୁ ସାନ)ରେ ସଜାଅ ।

| ଊର୍ଦ୍ଧ୍ୱକ୍ରମରେ | ଅଧଃକ୍ରମରେ |
|---|---|
| (କ) ୩୦୫, ୩୦୧, ୩୦୩, ୩୦୨, ୩୦୪ | (କ) ୪୬୮, ୪୬୫, ୪୬୪, ୪୬୭, ୪୬୬ |
| (ଖ) ୬୯୯, ୭୦୧, ୭୦୩, ୭୦୨, ୭୦୦ | (ଖ) ୫୯୧, ୫୯୩, ୫୯୫, ୫୯୨, ୫୯୪ |
| (ଗ) ୨୯୪, ୨୯୨, ୨୯୩, ୨୯୧, ୨୯୫ | (ଗ) ୭୦୭, ୭୦୯, ୭୧୦, ୭୦୮, ୭୧୧ |

୫. ରାଜୁ, ରୀତା, ମିତା ଓ ଜୋଶେଫ ତାସ ନେଇ ସଜାଇବା କାମ କରୁଥିଲେ । ତିନୋଟି ଲାଗିଲାଗିଥି ସଂଖ୍ୟାକୁ ନେଇ ଗୋଟିଏ ଲେଖାଏଁ ସେଟ୍ ତିଆରି କରୁଥିଲେ । ପ୍ରତ୍ୟେକଙ୍କ ପାଖରେ ୬ପଟ ଲେଖାଏଁ ତା ରହୁଥିଲା । ୬ପଟ ତାସକୁ ନେଇ ଦୁଇଟି ଲେଖାଏଁ ସେଟ୍ କରିବେ । ପ୍ରତ୍ୟେକ ପିଲାର ଦୁଇଟି ଯାକ ସେଟର ମଧ୍ୟ ସଂଖ୍ୟାଟି ଅନ୍ୟ ପାଖରେ ରହିଯାଇଛି । ଚିତ୍ର ଦେଖି କିଏ କେଉଁ କେଉଁ ତାସ ପାଇବେ ଓ କେଉଁ ତାସ କାହାକୁ ଦେ ଲେଖ ।




ଏବେ ତଳ ସାରଣୀର ଖାଲି ଘର ପୂରଣ କର -

| ପିଲାଙ୍କ ନାମ | କେଉଁ କେଉଁ ସଂଖ୍ୟା ପାଇଛି | କାହାକୁ କେଉଁ ସଂଖ୍ୟା ଦେବ | କାହା ପାଖରୁ କେଉଁ ସଂଖ୍ୟା ଆଣିବ |
|---|---|---|---|
| ଜୋଶେଫ | ୨୦୬, ୨୭୩, ୨୦୮ ୨୮୫, ୨୫୧, ୨୫୩ | | |
| ରୀତା | | | |
| ମିତା | | | |
| ରାଜୁ | | | |